# ଚଳିତବର୍ଷ ଏମ୍‌କେସିଜିରେ ଆରମ୍ଭ ହେବ 'ବିଏମ୍‌ଏଲ୍‌ଟି' ଓ 'ବିଏମ୍‌ଆରଟି' ପାଠ୍ୟକ୍ରମ

## ରାଜ୍ୟରେ ପ୍ରଥମ; ଉଭୟ ପାଠ୍ୟକ୍ରମରେ ୨୦ ଲେଖାଏଁ ସିଟ୍‌ରେ ହେବ ନାମଲେଖା

ବ୍ରହ୍ମପୁର,୨୯ ।୭ (ସମିସ)



ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଚଳିତ ବର୍ଷରୁ ଆରମ୍ଭ ହେବାକୁ ଯାଉଛି ବ୍ୟାଚଲର୍ ଇନ୍ ମେଡିକାଲ୍ ଲାବୋରେଟୋରି ଟେକ୍ନୋଲୋଜି(ବିଏମ୍‌ଏଲଟି) ଓ ବ୍ୟାଚଲର୍ ଇନ୍ ମେଡିକାଲ୍ ରେଡିଏସନ୍ ଟେକ୍ନୋଲୋଜି(ବିଏମଏଲଟି) ପାଠ୍ୟକ୍ରମ। ଏନେଇ ଡାକ୍ତରୀ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟ (ଡ଼ିଏମଇଟି) ପକ୍ଷରୁ ଅନୁମୋଦନ ମିଳିଛି। ଚଳିତ ଶିକ୍ଷାବର୍ଷରୁ ୩ବର୍ଷିଆ ବିଏମଏଲଟି ଓ ବିଏମଆରଟି ଉଭୟ ପାଠ୍ୟକ୍ରମରେ ୨୦ଟି ଲେଖାଏଁ ସିଟିରେ ଛାତ୍ରଛାତ୍ରୀଙ୍କ ନାମଲେଖା ସହ ପାଠପଢା ଆରମ୍ଭ ହେବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଡିଏମଏଲଟି(ଡିପ୍ଲୋମା ଇନ୍ ମେଡିକାଲ ଲାବ୍ରୋଟାରୀ ଟେକ୍ନୋଲୋଜି) ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରଛାତ୍ରୀମାନେ ବିଏମଏଲଟି ପାଠ୍ୟକ୍ରମରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହେବେ। ସେହିପରି ଡିଏମଆରଟି(ଡିପ୍ଲୋମା ଇନ୍ ମେଡିକାଲ ଲାବ୍ରୋଟାରୀ ଟେକ୍ନୋଲୋଜି) ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରଛାତ୍ରୀ ବିଏମଆରଟି ପାଠ୍ୟକ୍ରମରେ ନାମଲେଖାଇ ପାରିବେ। ତେବେ ଦ୍ୱିତୀୟ ବର୍ଷରେ ଲାଟେରାଲ ଏଣ୍ଟ୍ରି ଭଳି କୌଣସି ସୁବିଧା ପ୍ରଦାନ କରାଯାଇ ନାହିଁ। ରାଜ୍ୟରେ ପ୍ରଥମ କରି ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଉପରୋକ୍ତ ଦୁଇ ନୂତନ ପାଠ୍ୟକ୍ରମ ଖୋଲିବାକୁ ଯାଉଛି। ରାଜ୍ୟର କିଛି ଘରୋଇ ଶିକ୍ଷାନୁଷ୍ଠାନରେ ଉଭୟ ପାଠ୍ୟକ୍ରମ ରହିଥିବା ବେଳେ ଏଥି ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅନ୍ୟପକ୍ଷରେ ଏହି ପାଠ୍ୟକ୍ରମ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ପ୍ରକାରର ଆର୍ଥିକ ସହାୟତା କିମ୍ବା ଅନୁଦାନ ପ୍ରଦାନ କରାଯିବ ନାହିଁ ବୋଲି ସର୍ତ୍ତ ରହିଛି। ଫଳରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷ ଏଥିପାଇଁ ଆବଶ୍ୟକ ସମସ୍ତ ଖର୍ଚ୍ଚ ବହନ କରିବେ। ଏହି ଦୁଇ ପାଠ୍ୟକ୍ରମ ନିମନ୍ତେ ଫି' ଏବଂ ଅନ୍ୟାନ୍ୟ ଦେୟ ସରକାର ଏବଂ ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ କର୍ତ୍ତୃପକ୍ଷ ଆଦାୟ କରିବେ ବୋଲି ନିର୍ଦ୍ଦେଶ ରହିଛି।

ଏଥିସହିତ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସର୍ତ୍ତାବଳୀ ପ୍ରତିଷ୍ଠାନକୁ ପୂରଣ କରିବାକୁ ପଡିବ। ସରକାର ଆବଶ୍ୟକ ସ୍ଥଳେ ଅନ୍ୟକୌଣସି ସର୍ତ୍ତାବଳୀ ଲାଗୁ କରିପାରିବେ ଏବଂ ତାହା କାର୍ଯ୍ୟକାରୀ କରିବା ପ୍ରତିଷ୍ଠାନ ପାଇଁ ବାଧ୍ୟତାମୂଳକ ହେବ। ଉପରୋକ୍ତ ସର୍ତ୍ତାବଳୀର ଉଲ୍ଲଂଘନ ହେଲେ ଉକ୍ତ ପାଠ୍ୟକ୍ରମକୁ ପ୍ରତ୍ୟାହାର କରାଯିବା ସହ ଖିଲାପିଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ପୂର୍ବରୁ ଏମକେସିଜି ମେଡ଼ିକାଲରେ ଡିଏମଏଲଟି ପାଠ୍ୟକ୍ରମ ପାଇଁ ୮୦ସିଟ ରହିଥିବା ବେଳେ ଡିଏମଆରଟି ପାଇଁ ୩୦ସିଟ୍ ରହିଛି। ସେହିକ୍ରମରେ ଏଠାରେ ବିଏମଏଲଟି ଓ ବିଏମଆରଟି ପାଠ୍ୟକ୍ରମର ଆବଶ୍ୟକତା ରହିଥିଲା।

ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ଏନେଇ ଡିଏମଇଟିଙ୍କ ନିକଟକୁ ପ୍ରସ୍ତାବ ପଠାଇଥିବା ବେଳେ ଏହାକୁ ଅନୁମୋଦନ ମିଳିଛି। ଉଭୟ ପାଠ୍ୟକ୍ରମରେ ଛାତ୍ରଛାତ୍ରୀ ସ୍ୱଳ୍ପ ମୂଲ୍ୟରେ ନାମ ଲେଖାଇ ପାରିବେ। ଏଥି ନିମନ୍ତେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷ କିଛିଦିନ ମଧ୍ୟରେ ନିୟମାବଳୀ ଜାରି କରିବେ ବୋଲି ଜଣାପଡ଼ିଛି।

■ ଅର୍ନ୍ତଜାତୀୟବାଘ ଦିବସ

## ସାଇକେଲରେ ବୁଲି ସଚେତନ କରୁଛନ୍ତି ସମାଜସେବୀ



ଆସିକା,୨୯ ।୭ (ସମିସ): ଜୁଲାଇ ୨୯ ହେଉଛି ଅର୍ନ୍ତଜାତୀୟ ବାଘ ଦିବସ। ଜଙ୍ଗଲର ରାଜା ବାଘ ଏବେ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ବିଲୁପ୍ତର ଦ୍ୱାର ଦେଶରେ। ତେଣୁ ଏହାର ସଂରକ୍ଷଣ ସହ ବଂଶବୃଦ୍ଧି ପାଇଁ କବିସୂର୍ଯ୍ୟନଗର ଅଞ୍ଚଳର ସମାଜସେବୀ ଏ. ବ୍ରହ୍ମାନନ୍ଦ ଅଚାରୀ ସାଇକେଲ ଯୋଗେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଜଙ୍ଗଲରେ ରହୁଥିବା ପଶୁ ପକ୍ଷୀ ମାନଙ୍କୁ ଶିକାର ନ କରି ସେହି ମୂଲ୍ୟବାନ ପଶୁପକ୍ଷୀମାନଙ୍କୁ ସୁରକ୍ଷା ଦେବାକୁ ବ୍ରହ୍ମାନନ୍ଦଙ୍କ ଏକ ଛୋଟିଆ ପ୍ରୟାସ। ହାତରେ ଗ୍ଲୋବ, ମାନଚିତ୍ର, ବାଘ ସଦୃଶ୍ୟ ଅବିକଳ ବେଶରେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। କେବଳ ଆର୍ନ୍ତଜାତୀୟ ବାଘ ଦିବସ ସଚେତନ ସହ ଜିଲ୍ଲା ତଥା ଜିଲ୍ଲା ବାହାରେ ତାଙ୍କରି ସମାଜ ସେବା କ୍ଷେତ୍ରରେ ଏକ ନିଆରା ପରିଚୟ ରହିଛି।

## ରେଶମ ସହରରେ ଦିନତମାମ ଝିପିଝିପି ବର୍ଷା

ବ୍ରହ୍ମପୁର,୨୯ ।୭ (ସମିସ): ବ୍ରହ୍ମପୁର ସହର ଓ ଆଖପାଖ ଅଞ୍ଚଳରେ ମୌସୁମୀ ବର୍ଷା ପ୍ରଭାବରେ ଦିନ ତମାମ ମେଘୁଆ ପାଗ ସହ ଝିପି ଝିପି ବର୍ଷା ଜାରି ରହିଛି। ପାଣିପାଗ କେନ୍ଦ୍ରରୁ ମିଳିଥିବା ସୂଚନା ପ୍ରକାରେ ଦିନ ତମାମ ଗଞ୍ଜାମ ଜିଲ୍ଲାରେ ସାମାନ୍ୟ ବର୍ଷା ଜାରି ରହିଥିବା ବେଳେ ସନ୍ଧ୍ୟା ସାଢେ ୫ ଟା ସୁଧା ୮.୬ ମିମି ବର୍ଷା ରେକର୍ଡ କରାଯାଇଛି। ମେଘୁଆ ପାଗ ସହ ବର୍ଷା ଜାରି ରହିଥିବାରୁ ଗୋପାଳପୁର ବେଳାଭୂମିରେ ଲୋକଙ୍କ ଗହଳି ନଥିବା ଦେଖିବାକୁ ମିଳିଛି। ତାହାସହ ବେଳାଭୂମିରେ ଥିବା ଉଠା ଦୋକାନୀ ବନ୍ଦ ରହିଥିବା ବେଳେ ଫାଷ୍ଟଫୁଡ ଦୋକାନ ମାନଙ୍କରେ ଗହଳି ଚହଳି ନଥିବା ଦେଖିବାକୁ ମିଳିଛି। ଆସନ୍ତା କାଲି ପାଗରେ ସୁଧାର ଆସିପାରେ ବୋଲି ପାଣିପାଗ କେନ୍ଦ୍ରରୁ ସୂଚନା ମିଳିଛି।

## ଦୀପକ ମେମୋରିଆଲ୍ ସ୍କୁଲରେ ଚାରାରୋପଣ



ପୋଲସରା,୨୯ ।୭ (ସମିସ): ପୋଲସରା ଏନ୍ଏସି ଦାଶରଥିନଗର ସ୍ଥିତ ଦୀପକ ମେମୋରିଆଲ୍ ପବ୍ଲିକ ସ୍କୁଲ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷା ପ୍ରତିଭା ରଥଙ୍କ ତତ୍ତ୍ୱାବଧାନରେ ସମ୍ମାନନୀୟ ଅତିଥି ରୂପେ ସଭାପତି ଭବାନୀ ଶଙ୍କର ରଥ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ସ୍କୁଲ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଲୁଣିଘାଟି ସ୍ଥିତ ଶିବ ମନ୍ଦିରର ପ୍ରାଙ୍ଗଣରେ ପହଞ୍ଚି ଥିଲେ। ନିକଟ ଭବିଷ୍ୟତରେ ପ୍ରତ୍ୟେକଟି ଅଞ୍ଚଳ ସବୁଜ ସୁନ୍ଦର ହେବା ସହ ଏକ ସୁସ୍ଥ ସମାଜ ଗଢ଼ି ଉଠିବ ବୋଲି ଦୀପକ ମେମୋରିଆଲ୍‌ର ଅଧ୍ୟକ୍ଷା ପ୍ରତିଭା ରଥ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ତାମ୍ପରା ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଛତ୍ରପୁର,୨୯ ।୭ (ସମିସ): ଛତ୍ରପୁର ଥାନା ତାମ୍ପରା ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ହେଲେ ବ୍ରହ୍ମପୁର ବାଲିପଡ଼ା ଅଞ୍ଚଳର କୈଳାଶ ପାତ୍ର ଓ ସେ ସୋମବାର ଠାରୁ ନିଖୋଜ ଥିଲେ। ସେ ବ୍ରହ୍ମପୁରରୁ ଛତ୍ରପୁର ଆସିଥିବା ବେଳେ ମଙ୍ଗଳବାର ସକାଳୁ ତାମ୍ପରା ନିକଟରେ ଥିବା ଉଠା ଦୋକାନ ନିକଟରେ ଶୋଇଥିବା ବେଳେ କିଛି ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ତାକୁ ଉଦ୍ଧାର କରି ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକ ମେଡିକାଲରେ ପହଞ୍ଚିଥିଲେ। ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ସେ କିପରି ମୃତ୍ୟୁବରଣ କଲେ ଜଣାପଡ଼ିନଥିବାବେଳେ ବ୍ୟବଚ୍ଛେଦ ରିର୍ପୋଟ ଆସିଲେ ଜଣାପଡିବ ବୋଲି ପୁଲିସ କହିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଛି।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଭଞ୍ଜନଗର,୨୯ ।୭ (ସମିସ): ଭଞ୍ଜନଗର ଥାନା ଅନ୍ତର୍ଗତ ଫୁଲବାଣୀ ରାସ୍ତାର ସୋରାଦେବୀ ମନ୍ଦିର ନିକଟରୁ ମଙ୍ଗଳବାର ଏକ ଅଜଣା ବ୍ୟକ୍ତିଙ୍କର ମୃତଦେହ ଉଦ୍ଧାର ହୋଇଛି। ଉକ୍ତ ବ୍ୟକ୍ତି ଜଣଙ୍କ ମଙ୍ଗଳବାର ସକାଳ ୮ଟା ବେଳେ ବ୍ରହ୍ମପୁରରୁ ବସ୍ ଯୋଗେ ଆସି ଭଞ୍ଜନଗର ବସ୍ ଷ୍ଟାଣ୍ଡରେ ଓହ୍ଲାଇବାର ଥିଲା। ହେଲେ ଗାଡ଼ିରେ ଆଖି ଲାଖି ଯାଇଥିବାରୁ ସେ ବସ୍‌ରେ ରହି ଯାଇଥିଲେ। ତାଙ୍କ ନିଦ ଭାଙ୍ଗିଲା ବେଳକୁ ଉକ୍ତ ବସ୍‌ଟି କେଏସ୍‌ୟୁବି କଲେଜ ଡେଇଁ ଆଗକୁ ପଳେଇ ଥିଲା। ତେଣୁ ବସ୍ କର୍ମଚାରୀ ତାଙ୍କୁ ନେଇ ସୋରାଦେବୀ ମନ୍ଦିର ନିକଟରେ ଓହ୍ଲାଇ ଦେଇଥିଲେ। ସେଠାରେ ଉକ୍ତ ବ୍ୟକ୍ତି ମନ୍ଦିର ଟ୍ୟାପରୁ ପାଣି ପିଇ ନିକଟରେ ଥିବା ଏକ ପିଣ୍ଡିରେ ବସି ରହିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନ ଉଠିବାରୁ ମନ୍ଦିର କର୍ମକର୍ତ୍ତା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିଚୟ ମିଳି ନଥିବାରୁ ଶବକୁ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ଯଦି କେହି ଉକ୍ତ ଅଜଣା ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ସୂଚନା ପାଆନ୍ତି, ତେବେ ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କୁ ଏହି ୯୫୫୬୬୫୯୪୪୫ ନମ୍ବରରେ ଜଣାଇବାକୁ କୁହାଯାଇଛି।

## ପେଷାଦାର ଅପରାଧୀ ଖଣ୍ଡି ଚେରୁ ଗିରଫ

ବ୍ରହ୍ମପୁର,୨୯ ।୭ (ସମିସ): ଏକ ଡକାୟତି ମାମଲାରେ ଫେରାର ଥିବା ପେଷାଦାର ଅପରାଧୀ ଲାଠି ଗ୍ରାମର ଶ୍ୟାମ ସୁନ୍ଦର ଗୌଡ଼ ଓରଫ ଚେରୁ (୩୦)କୁ ଗିରଫ କରାଯାଇଥିବା ସଦର ଥାନା ଅଧିକାରୀ ରାମସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ମାମଲାରେ ଲାଞ୍ଜିଆ ମେନ୍ ରୋଡ଼ର ମଣ୍ଟୁ ଗୌଡ଼(୨୧) ଓ ରଞ୍ଜନ ନାୟକ, ସୁକୁଣ୍ଡା ମଶାଣି ପଦର ସାହିରରାକେଶ ପାଢ଼ୀ ଓରଫ ରକି(୨୫), ବେଦାଳିଆ ହରିଜନ ସାହିର



ପାର୍ଥ ଦାସ ଓରଫ ବଜରଙ୍ଗୀ(୨୨) ଆଦି ୪ଜଣ ଗିରଫ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଗତ ମେ' ୨୨ ବିଳମ୍ବିତ ରାତିରେ ମଣ୍ଟୁ, ରଞ୍ଜନ, ରକି, ପାର୍ଥ ଓ ଚେରୁଙ୍କ ସମେତ କିଛି ଯୁବକ ଦିଗପହଣ୍ଡି ରୋଡ଼ରେ ଥିବା ଗଙ୍ଗା ଗ୍ରାନାଇଟ ସୋ'ରୁମ ନିକଟରେ ଡକାୟତି ପାଇଁ ଯୋଜନା କରୁଥିଲେ। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମଣ୍ଟୁ, ରଞ୍ଜନ, ରକି, ପାର୍ଥକୁ କାବୁ କରିବା ବେଳେ ଚେରୁ ଓ ଅନ୍ୟ ଯୁବକମାନେ ଦୌଡ଼ି ପଳାଇଥିଲେ। ଗତକାଲି ବିଳମ୍ବିତ ରାତିରେ ସଦର ଥାନା ଅଞ୍ଚଳରୁ ଚେରୁକୁ ପୁଲିସ ଉଠାଇ ଆଣି ଆଜି କୋର୍ଟଚାଲାଣ କରିଛି। ଚେରୁଙ୍କ ନାମରେ ବିଭିନ୍ନ ଥାନାରେ ୧୦ଟି ଅପରାଧିକ ମାମଲା ରହିଥିବା ପୁଲିସ ତଦନ୍ତ ବେଳେ ଜଣାପଡିଛି।

## ଆହାର କେନ୍ଦ୍ର ପରିଦର୍ଶନ କଲେ ଶିଶୁ ବିଭାଗ ସଚିବ



ଛତ୍ରପୁର,୨୯ ।୭ (ସମିସ): ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ତଥା ଗଞ୍ଜାମ ଜିଲ୍ଲା ସେକ୍ରେଟାରୀ ଦାୟିତ୍ୱ ଥିବା ଶୋଭା ଶର୍ମା ଦୁଇଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଛନ୍ତି। ଦ୍ୱିତୀୟ ଦିନରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଦିଆଯାଉଥିବା ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିବା ସହ ନିଜେ ଧାଡ଼ିରେ ଠିଆ ହୋଇ ଖାଦ୍ୟ ସଂଗ୍ରହ କରି ଖାଇଥିଲେ। ଏହା ସହିତ କେନ୍ଦ୍ର ଦାୟିତ୍ୱରେ ଥିବା ରାଧାକୃଷ୍ଣ ଏସ୍‌ଏଚ୍‌ଜି ଗ୍ରୁପ ସଦସ୍ୟା ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି କେନ୍ଦ୍ରରେ ଦୈନିକ ୫ଶହ ଜଣଙ୍କ ପାଇଁ ଖାଦ୍ୟ ପରସା ଯାଉଛି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବଙ୍କ ଏହି ପରିଦର୍ଶନ ବେଳେ ସଚିବଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ ବେହେରା, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ବିଇଏମ୍‌ସିରେ ଲାଇବ୍ରେରୀରେ ନୂଆ ନିୟମ

## କମିଶନରଙ୍କ ଦୃଷ୍ଟି ଆକର୍ଷଣ କଲେ ଛାତ୍ରଛାତ୍ରୀ

ବ୍ରହ୍ମପୁର,୨୯ ।୭ (ସମିସ): ବ୍ରହ୍ମପୁର ସହରର ପାଣିଟାଙ୍କି ଛକରେ ରହିଛି ବିଇଏମସିର ଲାଇବ୍ରେରୀ। ଏହି ଲାଇବ୍ରେରୀରେ ଛାତ୍ରଛାତ୍ରୀମାନେ ପଢ଼ିବା ନିମନ୍ତେ ସମସ୍ତ ଆନୁସଙ୍ଗିକ ସୁବିଧା କରିଛି ବିଇଏମସି। କିନ୍ତୁ ଏଠାରେ ଏକ ନୂଆ ନିୟମ ପ୍ରଚଳିତ ନେଇ ସୂଚନା ପରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଛାତ୍ରଛାତ୍ରୀ। ସୂଚନାପ୍ରକାରେ ଲାଇବ୍ରେରୀରେ ପାଠପଢ଼ିବା ନିମନ୍ତେ ପ୍ରାୟ ୧୫୦୦ ଥିବା ବେଳେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ହୋଇଛଇ। ମୋଟ ୭୦ଜଣ ଛାତ୍ରଛାତ୍ରୀ ପାଠପଢ଼ିବା ନିମନ୍ତେ ଚେୟାର ଟେବୁଲ ସହ କିଛି କମ୍ପ୍ୟୁଟର ରହିଛି। କିନ୍ତୁ ଲାଇବ୍ରେରୀ ମାଗଣା ଥିବା ସହ ଏଠାରେ ଅନେକ ସୁବିଧା ରହିଥିବାରୁ ଦିନକୁ ଦିନ ଏଠାକୁ ଆସି ପାଠପଢ଼ିବା ନିମନ୍ତେ ଯୁବପିଢିମାନେ ଇଚ୍ଛା ପ୍ରକାଶ କରୁଛନ୍ତି। ବର୍ତ୍ତମାନ ଏହି ଲାଇବ୍ରେରୀରେ ପ୍ରାୟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ତେବେ ବର୍ତ୍ତମାନର ବଡ଼ ସମସ୍ୟା ହେଉଛି ୭୦ଟି ଛାତ୍ରଛାତ୍ରୀ ବସି ପଢ଼ିବା ପାଇଁ ବ୍ୟବସ୍ଥା ଥିବାବେଳେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଛନ୍ତି। ପ୍ରାୟ ୧୩୦ରୁ ଅଧିକ ଛାତ୍ରଛାତ୍ରୀ ତଳେ ବସି ପଢୁଛନ୍ତି। ଏହି ସମସ୍ୟାର ସମାଧାନ ପରିବର୍ତ୍ତେ ବିଇଏମସି ଆସନ୍ତା ଅଗଷ୍ଟ ୧ରୁ ନୂଆ ନିୟମ ଲାଗୁ କରିଛି। ଲାଇବ୍ରେରୀରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାସିକ ୨୦୦ଟଙ୍କା ପ୍ରଦାନ କରିବେ ଓ ୭୦ ଜଣ ଲେଖାଏଁ ଦୁଇଟି ସିଫ୍ଟରେ ବସି ପାଠ ପଢିପାରିବେ। ଏଭଳି ନିୟମକୁ ବିରୋଧ କରିଛନ୍ତି ଛାତ୍ରଛାତ୍ରୀ। ଏହି ଲାଇବ୍ରେରୀ ମାଗଣା ଥିବା ବେଳେ ସମସ୍ତ ସୁବିଧା ଯେଗୁ ବ୍ରହ୍ମପୁର ଓ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ଗରିବ ଓ ମଧ୍ୟବିତ୍ତ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ପ୍ରତି ମାସରେ ୨୦୦ ଟଙ୍କା କିଭଳି ଦେବେ ଛାତ୍ରଛାତ୍ରୀ। ଏହାଛଡ଼ା ଯଦି ୭୦ଜଣ ଲେଖାଏଁ ୨ଟି ସିଫ୍ଟରେ ୧୪୦ଜଣ ଛାତ୍ରଛାତ୍ରୀ ପଢଢିବେ ତେବେ ବଳକା ୮୦ରୁ ଅଧିକ ଛାତ୍ରଛାତ୍ରୀ ପାଠପଢ଼ାରୁ ବାଦ ପଡ଼ିବେ। ତେଣୁ ଏଭଳି ନିୟମକୁ ବାତିଲ କରାଯାଉ ବୋଲି ଦାବି କରିଛନ୍ତି ଛାତ୍ରଛାତ୍ରୀ।

ପାରିବାରିକ କଳହ

## ମା' ଚାଷ ଜମିରେ ପୁଅ ପକାଇଲା ବିଷ

କୁକୁଡାଖଣ୍ଡି,୨୯ ।୭ (ସମିସ): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ରୋହିଗାଁ ପଞ୍ଚାୟତ ନଳିହାଡ ଗ୍ରାମରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ମା' ସହ କହଳ ହେବାରୁ ତଳି କିଆରିରେ ସାନ ପୁଅ ବିଷାକ୍ତ ଔଷଧ ପକାଇ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ନଳିହାଡ ଗ୍ରାମର ସୁଦେଷ୍ଣା ବିଷୋୟୀଙ୍କ ସାନପୁଅ ବାବୁଲା ନିଜ ମା'ଉପରେ ରାଗ ରଖି ମା' ବୁଣିଥିବା ତଳି କିଆରିରେ ବିଷାକ୍ତ ଔଷଧ ପକାଇ ଦେଇଥିଲା। ଫଳରେ ତଳି



ପୋଡ଼ି ଯାଇଛି। ବାବୁଲା ବିଷାକ୍ତ ଔଷଧ ପଚାଇବା ସମୟରେ ଗ୍ରାମର କିଛି ମହିଳା ଦେଖିଥିଲେ। ସୁଦେଷ୍ଣା ଘଟଣାସ୍ଥଳରେ ପହଞ୍ଚି ଦେଖିବା ପରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳେ ପୁଲିସ ଏଏସ୍‌ଆଇ ଲକ୍ଷ୍ମୀକାନ୍ତ ପ୍ରଧାନ ଓ ଅନ୍ୟ ପୁଲିସ କର୍ମଚାରୀ ପହଞ୍ଚି ତଦାରଖ କରିଥିଲେ। ଦୀର୍ଘ ୨୫ବର୍ଷ ଧରି ସାନପୁଅ ବାବୁଲା ମା'ସୁଦଷ୍ଣାଙ୍କୁ ମାନସିକ ନିର୍ଯାତନା ଦେଇଆସୁଛି। ତେଣୁ ପୁଅ ବାବୁଲା ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମା' ପୁଲିସ ନିକଟରେ ଦାବି କରିଛନ୍ତି।

ଜିଲ୍ଲା ଉପଭୋକ୍ତା ବିବାଦ ବିଚାର ଆୟୋଗଙ୍କ ରାୟକୁ ନେଇ ଗ୍ରାହକଙ୍କୁ ଆଶ୍ୱସ୍ତି

## ଗାଡ଼ି ବ୍ୟାଟେରି ବଦଳାଇବା ସହ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

ବ୍ରହ୍ମପୁର,୨୯ ।୭ (ସମିସ): ଏକ ଇଭି ସ୍କୁଟି କ୍ରୟ ପରେ ଗାଡ଼ିରେ ଦେଖାଦେଇଥିବା ସମସ୍ୟାର ସାମାଧାନ ଦିଗରେ ସମ୍ପୃକ୍ତ କମ୍ପାନି ସୋରୁମ ମାଲିକ ଗ୍ରାହକଙ୍କୁ ଅବହେଳା କରିବା ସହିତ ଧମକଚମକ ଦେଇଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ନିବେଦନ ପରେ ବି ସୋରୁମ ମାଲିକ ସମସ୍ୟାର ସମାଧାନ କରିବା ଦୂରର କଥା ଉପଭୋକ୍ତା ବିବାଦ ବିଚାର ଆୟୋଗଙ୍କୁ ଅବମାନନା କରିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗର ଶୁଣାଣି କରି ଆୟୋଗ ଚୂଡ଼ାନ୍ତ ରାୟ ପ୍ରଦାନ କରିଛନ୍ତି। ଗାଡ଼ିର ବ୍ୟାଟେରି ତୁରନ୍ତ ବଦଳାଇବା ସହ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଯୋଗ୍ୟ ଯେ' ୨୦୨୨ ଅଗଷ୍ଟ ୨୭ରେ ଜଣେ ବ୍ୟକ୍ତି ୭୪,୮୧୭ ଟଙ୍କା ଦେଇ ଏକ ୬୦ଭି. ଲିଥିୟମ୍ ବ୍ୟାଟେରି ଯୁକ୍ତ "ଡେଜା ଭେସ୍ପା ଇ-ସ୍କୁଟି' କିଣିଥିଲେ। ଗାଡ଼ି କିଣିବାର ମାତ୍ର ଏକ ବର୍ଷ ମଧ୍ୟରେ ଅର୍ଥାତ୍ ୱାରେଣ୍ଟି ସମୟସୀମା ଭିତରେ ସ୍କୁଟିଟି ଖରାପ ହୋଇଥିଲା। ବାରମ୍ବାର ଅଭିଯୋଗ ପରେ ତାହାକୁ ସୋରୁମ ପକ୍ଷରୁ ବଦଳା ଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ପୁଣି ଗାଡ଼ିର ବ୍ୟାଟେରି କାର୍ଯ୍ୟଦକ୍ଷତା ଓ ମାଇଲେଜ ହ୍ରାସ ପାଇଥିଲା। ସମସ୍ୟା ସମାଧାନ ପାଇଁ ବାରମ୍ବାର ପ୍ରୟାସ ପରେ ସୋରୁମର ଜଣେ କର୍ମଚାରୀ ଗ୍ରାହକଙ୍କୁ ଧମକ ଦେଇଥିଲେ। ୨୦୨୪ ଜୁଲାଇ ୨୬ରେ ଅଭିଯୋଗକାରୀ ଗ୍ରାହକ ଦୁଇବର୍ଷର ବୈଧାନିକ ୱାରେଣ୍ଟି ଏବଂ ବ୍ୟାଟେରି ମାଇଲେଜ୍ ପ୍ରଦାନ କରିବାରେ ବିଫଳ ହୋଇଥିବା ଦର୍ଶାଇ ଡ଼ାକ ମାଧ୍ୟମରେ ଆନୁଷ୍ଠାନିକ ଭାବରେ ବ୍ୟାଟେରି ବଦଳାଇବାକୁ ସୋରୁମ ମାଲିକଙ୍କୁ ଅନୁରୋଧ କରିଥିଲେ। ବିକ୍ରେତା ୨୦୨୪ ଜୁନ ୨୭ରେ ଉକ୍ତ ନୋଟିସକୁ ଗ୍ରହଣ କରିଥିଲେ ହେଁ କୌଣସି ଉତ୍ତର ଦେଇନଥିଲେ। ଫଳରେ ଅଭିଯୋଗକାରୀ ସୋରୁମ ମାଲିକଙ୍କ ଠାରୁ ତ୍ରୁଟିପୂର୍ଣ୍ଣ ବ୍ୟାଟେରୀର ପରିବର୍ତ୍ତନ, ହଇରାଣ, ମାନସିକ ଯନ୍ତ୍ରଣା ଏବଂ ସେବା ଅଭାବ ପାଇଁ ୩୦ହଜାର ଟଙ୍କା କ୍ଷତିପୂରଣ, ୧୦ହଜାର ଟଙ୍କା ଆଇନଗତ ଖର୍ଚ୍ଚ ଦାବି କରି ଜିଲ୍ଲା ଖାଉଟି ବିବାଦ ବିଚାର ଆୟୋଗର ଦ୍ୱାରସ୍ଥ ହୋଇଥିଲେ। ଆୟୋଗରେ ବାରମ୍ବାର ନୋଟିସ ପରେ ବି ବିକ୍ରେତାଙ୍କ କ୍ରମାଗତ ଅନୁପସ୍ଥିତି ଯୋଗୁ ୨୦୨୫ ଜାନୁଆରୀ ୧୧ରେ ମାମଲାକୁ ଏକପାଖିଆ ଘୋଷଣା କରାଯାଇଥିଲା। ଅଭିଯୋଗକାରୀଙ୍କ ପକ୍ଷରୁ ୨୦୨୫ମସିହା ଫେବୃଆରୀ ୧୭ ଓ ୧୮ ତାରିଖରେ ଦିଆଯାଇଥିବା ନିର୍ବିବାଦ ସାକ୍ଷ୍ୟକୁ ଆଧାର କରି କମିଶନ ବିକ୍ରେତାଙ୍କ ବିରୁଦ୍ଧରେ ତଥା ଅଭିଯୋଗକାରୀଙ୍କ ସପକ୍ଷରେ ରାୟ ପ୍ରକାଶ କରିଛନ୍ତି। ଉପସ୍ଥାପିତ ତଥ୍ୟ ଏବଂ ବିଚାରବିମର୍ଶ ପରେ କମିଶନ ସୋରୁମ ମାଲିକଙ୍କୁ ଏଥିପାଇଁ ସ୍ପଷ୍ଟଭାବେ ଦାୟୀ କରିଛନ୍ତି। ଗ୍ରାହକ ଅଧିକାରକୁ ବଜାୟ ରଖିବା ଏବଂ ବଜାର ନିରପେକ୍ଷତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାୟ ଦେଇ ଜିଲ୍ଲା ଖାଉଟି ବିବାଦ ବିଚାର ଆୟୋଗ ସୋରୁମ ମାଲିକ ନିଜ ଖର୍ଚ୍ଚରେ ଖରାପ ଡେଜା ଭେସ୍ପା ଇ-ସ୍କୁଟିର ୬୦ଭି ଲିଥିୟମ୍ ବ୍ୟାଟେରିର ମରାମତି ଅଥବା ବଦଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହ ବଦଳ ବ୍ୟାଟେରି ପାଇଁ ସର୍ବନିମ୍ନ ଏକ ବର୍ଷର ୱାରେଣ୍ଟି ବହନ କରିବେ। ସେହିଭଳି ଗ୍ରାହକଙ୍କ ଅସୁବିଧା, ମାନସିକ ଯନ୍ତ୍ରଣା ଏବଂ ସେବାରେ ଅଭାବ ପାଇଁ କ୍ଷତିପୂରଣ ଭାବେ ୧୦ହଜାର ଟଙ୍କା ଏବଂ ମକଦ୍ଦମା ବାବଦ ଖର୍ଚ୍ଚ ପାଇଁ ଅଧିକ ୭ହଜାର ୫ଶହ ଟଙ୍କା ପ୍ରଦାନ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବରେ ହେଲେ ମଧ୍ୟ ଗ୍ରାହକଙ୍କୁ ଆୟୋଗଙ୍କ ଜରିଆରେ ନ୍ୟାୟ ମିଳିଥିବାରୁ ସେ ଆଶ୍ୱସ୍ତି ଲାଭ କରିଛନ୍ତି।

## ୟୁଏଏସ୍ ବିରୋଧରେ ଶିକ୍ଷକ ସଂଘର ଦାବିପତ୍ର



କୁକୁଡାଖଣ୍ଡି,୨୯ ।୭ (ସମିସ): କୁକୁଡ଼ାଖଣ୍ଡି ବ୍ଲକ୍ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସୂଚନା ପ୍ରକାରେ ୟୁଏଏସ୍ ଉପରେ ଅନୁଭୂତ ଅପ୍ରସ୍ତୁତତା – ବିନା ପୂର୍ବ ପ୍ରସ୍ତୁତି ଓ ଯଥାଯଥ ପୂର୍ବ ଅଧ୍ୟୟନ ଛାଡ଼ି ଏହି ସିଷ୍ଟମ ଲାଗୁ କରାଯାଇଛି। ହେଲେ ଅଧିକାଂଶ ସ୍କୁଲରେ ଟାବଲେଟ ଓ ଇଣ୍ଟରନେଟ ଭଳି ଆବଶ୍ୟକୀୟ ଭିତ୍ତିଭୂମି ନାହିଁ। ନେଟୱାର୍କ ଅଭାବରୁ ଅନେକ ଉପାନ୍ତ ଅଞ୍ଚଳର ସ୍କୁଲ ମାନଙ୍କରେ ଇଣ୍ଟରନେଟ ପହଞ୍ଚିପାରିନି। ସେହିପରି ଅନେକ ବିଦ୍ୟାଳୟରେ ଶ୍ରେଣୀ ଅନୁଯାୟୀ ଶିକ୍ଷକ ନିଯୁକ୍ତି ହୋଇନଥିବା ଜଣାପଡ଼ିଛି। ତେଣୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯିବା ପରେ ଏହି ବ୍ୟବସ୍ଥା କରିବାକୁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ଗଞ୍ଜାମ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ହେମନ୍ତ କୁମାର ସେଠୀ, ହରେକୃଷ୍ଣ ଗୌଡ଼, କୁକୁଡାଖଣ୍ଡି ସଂଘ ସଭାପତି ଉଷାରାଣୀ ସାହୁ, ସମ୍ପାଦକ ଡ଼ଃ ସନାତନ ପ୍ରଧାନ, କନିଷ୍ଠ ଶିକ୍ଷକ ସଂଘ ସଭାପତି କାହ୍ନୁ ବେହେରା ସହିତ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

■ ସାମାନ୍ୟ କଥାରୁ ଭୈରବୀ ରାସ୍ତାରେ ଗଣ୍ଡଗୋଳ

## କାର୍ ଭଙ୍ଗାରୁଜା; ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

### ୩ ଜଣଙ୍କୁ ଅଟକ ରଖି ପଚରାଉଚରା

ରଙ୍ଗେଇଲୁଣ୍ଡା,୨୯।୭(ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ ଭୈରବୀ ରାସ୍ତାରେ ସାମାନ୍ୟ କଥାକୁ ନେଇ ବ୍ରହ୍ମପୁରରୁ ଆସିଥିବା କିଛି ଯୁବକ ଓ ଜଣେ ଗ୍ରୋସରୀ ଦୋକାନୀଙ୍କ ମଧ୍ୟରେ କଥା କଟାକଟି ଓ ପରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ଏକ କାର୍ ଭଙ୍ଗାରୁଜା ହୋଇଛଇ। ଆହତ ବ୍ୟକ୍ତି ଜଣକ ବ୍ରହ୍ମପୁର ତୁଳସୀ ନଗରର ପି. ଭାନୁ ମୂର୍ତ୍ତି।

ମଙ୍ଗଳବାର ଅପରାହ୍ନରେରେ ବ୍ରହ୍ମପୁରର କିଛି ଗୋଟିଏ ପରିବାର ଓ ସେମାନଙ୍କ ସମ୍ପର୍କୀୟ ଗୋଟିଏ କାର୍ ଓ ଅନ୍ୟ ଏକ ଗାଡ଼ିରେ ଭୈରବୀ ଦର୍ଶନ କରି ବ୍ରହ୍ମପୁର ଫେରୁଥିଲେ। ଏହି ସମୟରେ ଭୈରବୀ ଛକଠାରେ ଥିବା ଅଜିତ କରଙ୍କ ଗ୍ରୋସରୀ ଦୋକାନ ସମ୍ମୁଖରେ କିଛି ସିମେଣ୍ଟ ପ୍ଲେଟ ରଖା ଯାଇଥିଲା। କାର୍‌ଟି ଗୋଟିଏ ସିମେଣ୍ଟ ପ୍ଲେଟ ଉପରେ ମାଡ଼ି ଯିବାରୁ ଏଥିରେ ବସିଥିବା ଲୋକ କାର୍‌ରୁ ଓହ୍ଲାଇ ଦୋକାନୀଙ୍କୁ ପ୍ଲେଟ ଭାଙ୍ଗିଗଲା କି ବୋଲି ପଚାରିଥିଲେ। ଏଥିରେ ଅଜିତ୍ ଉତ୍ତ୍ୟକ୍ତ ହୋଇ ନିକଟରେ ଥିବା ପଥରରେ କାର୍‌ର କାଚ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ଅଜିତ ଓ କାର୍ ଓ ଅନ୍ୟ ଗାଡ଼ିରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଅଜିତ ଗୋଳନ୍ଥରା ଚଟିର କିଛି ସାଙ୍ଗଙ୍କୁ ଡାକିବାରୁ ହଠାତ୍ ୧୦ ରୁ ୧୨ ଯୁବକ ପହଞ୍ଚି କାର୍‌ରେ ଥିବା ଲୋକଙ୍କୁ ମାରପିଟ୍ କରିଥିଲେ। ଫଳରେ କାର ଓ ଅନ୍ୟ ଗାଡ଼ିରେ ଥିବା ଲୋକମାନେ ଭୟରେ ଛତ୍ରଭଙ୍ଗ ଦେଇଥିଲେ। ଏହି ସମୟରେ ଆହତ ବ୍ୟକ୍ତି ଭାନୁ ମୂର୍ତ୍ତି ଘଟଣାସ୍ଥଳରୁ ଦୌଡ଼ି ଚାଲିଯାଇ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ବସ୍‌ରେ ଚାଲି ଯାଉଥିବା ବେଳେ ଗୋଳନ୍ଥରାଠାରେ ଭାନୁ ମୂର୍ତ୍ତିଙ୍କୁ ବସ୍‌ରୁ ଓହ୍ଲାଇ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସେ ଗୁରୁତର ଅବସ୍ଥାରେ ରାସ୍ତାରେ ପଡିଥିବାବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛି। ଭାନୁ ମୂର୍ତ୍ତିଙ୍କ ଅବସ୍ଥା ଗୁରୁତର ଥିବା ପୁଲିସ କହିଛି। ଘଟଣା ପରେ ପୁଲିସ ଅଜିତ କର ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

## ରେଡ୍ଡୀ ମହାଜନ ସଙ୍ଘର କର୍ମକର୍ତ୍ତା ଚୟନ



ହୁମ୍ମା/ରମ୍ଭା,୨୯।୭(ସମିସ): ରାମଚନ୍ଦ୍ରପୁର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିରୁଳି ତାଲୁକା ରେଡୀ ମହାଜନ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସଭାପତି ଭାବେ ଡ଼ି ନରହରି ରେଡ଼ି, ସମ୍ପାଦକ ଏ. ଖଲି ରେଡ଼ି, ଉପଦେଷ୍ଟା ଡ଼ି. ନରହରି ପ୍ରଧାନ, କେ. ସନ୍ତୋଷ ରେଡ଼ି, ଜି. ଡ଼ମ୍ବରୁ ରେଡ଼ି, ଜିଲ୍ଲା ସଭ୍ୟ ଡ଼ି. ପଦ୍ମ ଚରଣ ପ୍ରଧାନ, ପି. ଚନ୍ଦ୍ରମଣି ରେଡ଼ି, ଜୋନ ସଭ୍ୟ ଏ. ରଘୁନାଥ ପ୍ରଧାନ, ଏସ. ରାମଚନ୍ଦ୍ର ରେଡ଼ି, ଉପସଭାପତି କେ. କ୍ଷେତ୍ରବାସୀ ରେଡ଼ି, ଏ. ହରି ରେଡ଼ି ସହସମ୍ପାଦକ କେ. ଜୟ ରେଡ଼ି, କେ.ନୀଳକଣ୍ଠ ରେଡ଼ି, କୋଷାଧକ୍ଷ ଏ.ଚନ୍ଦ୍ରମଣି ରେଡ଼ି, ତାଲୁକା ପରିଚାଳନା ସଦସ୍ୟ ଜେ.ଗଣେଶ, ଡ଼ି. ଯୁଧିଷ୍ଠିର, ପି. ରାମଚନ୍ଦ୍ର, ଡ଼ି.କୃଷ୍ଣ, ୟୁ.ଚୈତନ୍ୟ, ଓ ଏ. ଗୋପୀନାଥ ରେଡ଼ିଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ବିରୁଳି ତାଲୁକାର ୫୪ଟି ଗ୍ରାମର ସମସ୍ତ ଗ୍ରାମର ସଭାପତି ଓ ସମସ୍ତ କୁଳ କର୍ମଚାରୀ ଉପସ୍ଥିତ ଥିଲେ।

## ଚାରାରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ

ଛତ୍ରପୁର,୨୯।୭(ସମିସ): ଛତ୍ରପୁର ବ୍ଲକ୍ ରୁକୁଣିଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଯଶୋଦା ଫାଉଣ୍ଡେସନ ପକ୍ଷରୁ ଏକ ଚାରାରୋପଣ ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡମ୍ବରୁଧର ବେହେରା, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପରିଡ଼ା, ବଉଳ ଗାଁ ସମିତିସଭ୍ୟ ରାମ ପରିଡ଼ା, ଆଇନଜୀବୀ ପ୍ରଶାନ୍ତ ଶତପଥୀ, ଶିକ୍ଷାବିତ୍ ସୋମନାଥ ସାହୁ, ସନ୍ତୋଷ ଶତପଥୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ସୁଦେଷ୍ଣା ବେହେରା, ସ୍ନିଗ୍ଧାରାଣୀ ବେହେରା, ଗୀତାଞ୍ଜଳି ମହାନ୍ତି, ନିଦ୍ରାବତୀ ମୁଦି, ଲିପିକା ପ୍ରିୟଦର୍ଶିନୀ ରେଡି ପ୍ରମୁଖ ଚାରାରୋପଣ କରିଥିଲେ। ବିଦ୍ୟାର୍ଥୀଙ୍କୁ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯଶୋଦା ଫାଉଣ୍ଡେସନର ଟ୍ରଷ୍ଟି ସାଗରିକା ପଣ୍ଡା, ପୁଷ୍ପା ସାହୁ ଓ ସୁଦେଷ୍ଣା ସାହୁ ସହଯୋଗ କରିଥିଲେ।

## କୋଦଳା ତହସିଲଦାରଙ୍କ ପିତୃ ବିୟୋଗ

କୋଦଳା,୨୯।୭(ସମିସ): କୋଦଳା ତହସିଲଦାର ତଥା ବେଗୁନିଆପଡା ବ୍ଲକର ଭାରପ୍ରାପ୍ତ ବିଡିଓ ସସ୍ମିତା ଶତପଥିଙ୍କ ବାପା ରାମଚନ୍ଦ୍ର ଶତପଥୀ(୭୫)ଙ୍କ ପରଲୋକ ହୋଇଯାଇଛି। ସୋମବାର ଅପରାହ୍ନରେ କୋଦଳା ସ୍ଥିତ ସରକାରୀ ବାସଭବନରେ ତାଙ୍କର ପରଲୋକ ଘଟିଥିବା ବେଳେ ସ୍ଥାନୀୟ ଅଞ୍ଚଳର ପ୍ରତିଷ୍ଠିତ ଯୁବନେତା, ବ୍ଲକ କର୍ମଚାରୀ ସ୍ୱର୍ଗତ ଶତପଥିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ଭେଟି ସାନ୍ତ୍ୱନା ପ୍ରଦାନ କରିଥିଲେ। ତାଙ୍କ ପତ୍ନୀ ଏବଂ ପୁତ୍ରୀ ସସ୍ମିତା ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ପୁରୀ ନିବାସୀ ସ୍ୱର୍ଗତ ଶତପଥିଙ୍କ ପାର୍ଥିବ ଶରୀରକୁ ସଂସ୍କାର ପାଇଁ ସ୍ୱର୍ଗଦ୍ୱାର ନିଆଯାଇଥିଲା। ବିଜେପି ନେତା ଚିତ୍ରସେନ ପରିଡା, ଅଶୋକ ତାରିଣୀ, ରବୀନ୍ଦ୍ର ମହାନ୍ତି, ବ୍ଲକ ଏଇଇ ପ୍ରଦୀପ ସାହୁ, ଜେଇ ଦୀପକ ମଲିକଙ୍କ ସମେତ ବିଜେପିର ବହୁ ଯୁବନେତା, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ପୁଣି ଜଣକୁ ଦଳିଲା ଦନ୍ତା; ତାଡିଲେ ଲୋକେ

### ମୃତଦେହ ରଖି ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା / ପହଞ୍ଚିଲା 'ରକ୍ଷକ' ଟିମ୍; ହାତୀକୁ ଠାବ ପାଇଁ ଉଦ୍ୟମ

ଜି.ଉଦୟଗିରି,୨୯।୭(ସମିସ)



ପୁଣି ଜଣଙ୍କ ଜୀବନ ନେଇଛି ହିଂସ୍ର ହନ୍ତା। ଶନିବାର ସନ୍ଧ୍ୟାରେ ଦନ୍ତା ଆକ୍ରମଣରେ ମାଲାନସୁଗାର ଜଣଙ୍କ ଜୀବନ ଯାଇଥିବା ପ୍ରତିବାଦରେ ବନ ବିଭାଗ କାର୍ଯ୍ୟାଳୟରେ ସୋମବାର ଦିନ ତମାମ ପ୍ରଭାବିତ ଗ୍ରାମବାସୀ ହାତୀକୁ ଘଉଡ଼ାଇବା ଦାବିରେ ଧାରଣାରେ ବସିଥିବା ବେଳେ ସପ୍ତାହେ ସମୟ ମାଗିଥିଲା ବନ ବିଭାଗ। କିନ୍ତୁ ରାତି ନ ପାହୁଣୁ ଆଉ ଏକ ଅଘଟଣ ଘଟିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ମଙ୍ଗଳବାର ସକାଳେ ଆଡାଶୀକୁପା ଗ୍ରାମର ପ୍ରଶାନ୍ତ ନାୟକଙ୍କୁ ଦଳି ଦେଇଛି ଦନ୍ତା। ଉତ୍ତ୍ୟକ୍ତ ଲୋକେ ମୃତଦେହକୁ ନେଇ ଜି.ଉଦୟଗିରି ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ରଖି ଧାରଣାରେ ବସିବା ସହିତ ହାତୀ ଉଠିଲେ ଶବ ଉଠିବ ଜିଦ୍‌ରେ ଅଟଳ ରହିଥିଲେ।

ବନ ବିଭାଗ ଏସିଏଫ୍‌ଙ୍କ ସହିତ ଏସ୍‌ଡିପିଓ ବିଜୟ କୁମାର ବିଶି, ତହସିଲଦାର ରଞ୍ଜନ କୁମାର ସାହୁ, ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ବନ ବିଭାଗ ତରଫରୁ ଟେକ୍ନିକାଲ ଟିମ ଆସି କାମ ଆରମ୍ଭ କରିଛନ୍ତି। ତେଣୁ ଶବ ନେଇ ଅନ୍ତିମ ସଂସ୍କାର କରିବାକୁ ଅଧିକାରୀ କହିଥିଲେ। କିନ୍ତୁ ଏଥିରେ ଗ୍ରାମବାସୀ ରାଜି ନହେବା ଫଳରେ ଧାରଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିବା ବେଳେ ବିଭାଗ ତରଫରୁ ହାତୀ ଠାବ କରିବାକୁ ସ୍ୱତନ୍ତ୍ର ରକ୍ଷକ ଟିମ ଆସି ସେମାନଙ୍କ କାମ ଆରମ୍ଭ କରିବା ସହିତ ବ୍ୟାପକ ସତର୍କ ବ୍ୟବସ୍ଥା କରାଯାଇଛି। ଆଗକୁ ଯେମିତି ଏଭଳି ଘଟଣା ନ ଘଟେ ସେଥିପାଇଁ ପ୍ରତି ଦୃଷ୍ଟି ରଖାଯାଇଛି ବୋଲି ବନ ବିଭାଗ ତରଫରୁ କୁହାଯାଇଛି।

## ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

ଶନିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ସାମନ୍ତ ଦିଗାଲ(୫୨)ଙ୍କ ପରିବାର ବର୍ଗଙ୍କୁ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଭେଟି ସମବେଦନା ଜଣାଇଛନ୍ତି। ମୃତ ସାମନ୍ତ ଏକା ଥିବାରୁ ତାଙ୍କ ବଡ଼ଭାଇ ଶମ୍ଭୁ ଦିଗାଲଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ ବିଧାୟକ। ଯଥାଶୀଘ୍ର କିପରି ସରକାରୀ ସହାୟତା ମିଳିପାରିବ ସେ ଦିଗରେ ସମସ୍ତ ପଦକ୍ଷେପ ନିଆଯିବା ସହ ଆବଶ୍ୟକ ସ୍ଥଳେ ନିଜେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଆଶ୍ୱାସନା ଦେଇଥିଲେ। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ପଣ୍ଡା ସମେତ ପାରିବାର ବର୍ଗ ଉପସ୍ଥିତ ଥିଲେ।



## ବିଭିନ୍ନ ବିଭାଗର ସମୀକ୍ଷା କଲେ ପ୍ରମୁଖ ସଚିବ

ଛତ୍ରପୁର,୨୯।୭(ସମିସ): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ତଥା ଗଞ୍ଜାମ ଜିଲ୍ଲା ସେକ୍ରେଟାରୀ ଦାୟିତ୍ୱରେ ଥିବା ଶୋଭା ଶର୍ମା ଗଞ୍ଜାମ ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସିଛନ୍ତି। ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଗଞ୍ଜାମ ଜିଲ୍ଲାପରିଷଦ କାର୍ଯ୍ୟାଳୟର ରୁଷିକୂଲ୍ୟା ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି। ଜିଲ୍ଲାରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ଗୁଡିକର ଅଗ୍ରଗତି ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ସହ ସମସ୍ତେ ଭଲ କାମ କରିବା ନିମନ୍ତେ ସେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ, ଖାଦ୍ୟ ଓ ଯୋଗାଣ, ପାନୀୟଜଳ, ପରିମଳ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ବିଭାଗ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ବିଭାଗର ଗୋଟି ଗୋଟି କରି ସମୀକ୍ଷା କରିଥିଲେ। ସ୍କୁଲ, କଲେଜ, ହଷ୍ଟେଲ ଓ ଅଙ୍ଗନବାଡ଼ିକେନ୍ଦ୍ର ଗୁଡିକରେ ପାନୀୟ ଜଳର ସୁବ୍ୟବସ୍ଥା, ସ୍ୱଚ୍ଛ ସର୍ବେକ୍ଷଣ ସହ ବ୍ରହ୍ମପୁର ସହର ପରିମଳ, ଡ୍ରେନେଜ ଏବଂ ଅନ୍ୟାନ୍ୟ ବିଷୟରେ ପଚାରି ବୁଝିଥିଲେ। ଜିଲ୍ଲାର ସବ୍‌ଡିଭିଜନ ହସ୍ପିଟାଲ ଗୁଡ଼ିକରେ ମହାପ୍ରୟାଣ ଗାଡିର ବ୍ୟବସ୍ଥା ଅଛି କି ନାହିଁ ତାହା ପଚାରି ବୁଝିଥିଲେ। ଆସିକା ଓ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଆନାସ୍ଥେସିଆ ଡାକ୍ତର ନଥିବାରୁ ଅପରେସନ ହୋଇ ପାରୁନାହିଁ। ତାହାର ସମାଧାନ, ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ସିଟି ସ୍କାନ ଓ ଡିଜିଟାଲ ଏକ୍ସରେ ମେସିନ ପ୍ରଦାନ କରିବା ଏବଂ ବ୍ରହ୍ମପୁର ସିଟି ମେଡିକାଲରେ ଡିଜିଟାଲ ଏକ୍ସରେ ବ୍ୟବସ୍ଥା କରିବା ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅସୁବିଧା ସମ୍ପର୍କରେ ସିଡିଏମଓ ପ୍ରମୁଖ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାରେ ନିର୍ଦ୍ଧାରିତ ତାରିଖ ସୁଦ୍ଧା ରାସନ କାର୍ଡ ଇ - କେୱାଇସି ଶତପ୍ରତିଶତ ଶେଷ କରିବା, ପାତ୍ରପୁର ବ୍ଲକରେ ଇ-କେୱାଇସି କମ ଥିବାରୁ ତାହାକୁ ବୃଦ୍ଧି କରିବା ଉପରେ ଚିଫ ସିଏସ୍‌ଓଙ୍କୁ ପ୍ରମୁଖ ସଚିବ ପରାମର୍ଶ ଦେଇଥିଲେ। ସେହିପରି ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜନା, ଅନ୍ତୋଦ୍ୱୟ ଗୃହ ଯୋଜନା, ସେତୁ ବନ୍ଧନ ଯୋଜନା ସମେତ ଅନ୍ୟାନ୍ୟ ଯୋଜନା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଗଞ୍ଜାମ ଜିଲ୍ଲା ପରିଷଦ ର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ ବେହେରା, ବ୍ରହ୍ମପୁର ଡ଼ିଏଫଓ, ଘୁମୁସର ଡିଭିଜନ (ଦକ୍ଷିଣ)ର ଡ଼ିଏଫଓଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଗଞ୍ଜାମ ଜିଲ୍ଲାପରିଷଦ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



## ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ଚିହ୍ନଟୀକରଣ ଓ ଡାକ୍ତରୀ ପରୀକ୍ଷା

ଛତ୍ରପୁର,୨୯।୭(ସମିସ): ଜାତୀୟ ଶିକ୍ଷା ନୀତି ୨୦୨୦ର ପଞ୍ଚମ ବାର୍ଷିକ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଅଖିଳ ଭାରତୀୟ ଶିକ୍ଷା ସମାଗମ, କାର୍ଯ୍ୟକ୍ରମ ଉତ୍ସବ ପାଳିତ ହେଉଛି। ଏହି ଅବସରରେ ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷାର ଅନ୍ତର୍ନିବେଶି ଶିକ୍ଷା ବିଭାଗରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ନିମନ୍ତେ ଚିହ୍ନଟିକରଣ ଓ ଡାକ୍ତରୀ ପରୀକ୍ଷା ଶିବିର ଛତ୍ରପୁର ସ୍ଥିତ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ୨୨ଟି ବ୍ଲକରେ ଅନୁଷ୍ଠିତ ହେବ ଏବଂ ଆସନ୍ତା ଅଗଷ୍ଟ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଆଜିର କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅଜୟ କୁମାର ପାତ୍ର, ଅତିରିକ୍ତ ଶିକ୍ଷାଧିକାରୀ ଏସ. ଧନଞ୍ଜୟ ଓ ସମଗ୍ର ଶିକ୍ଷାର ସମସ୍ତ ସଂଯୋଜକ ଶୁଭାରମ୍ଭ କରିଥିଲେ। ଛତ୍ରପୁର ବ୍ଲକର ୧୨୫ ଜଣ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗ ଶିକ୍ଷାର୍ଥୀ ଓ ଅଭିଭାବକମାନେ ଶିବିରରେ ଉପସ୍ଥିତ ହୋଇ ଡାକ୍ତରୀ ପରୀକ୍ଷା କରାଇଥିଲେ। ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କର ଡାକ୍ତରୀ ପରୀକ୍ଷଣ ପାଇଁ ଭୁବନେଶ୍ୱର ସ୍ଥିତ ଜାତୀୟସ୍ତରୀୟ ଏଏଲଆଇଏମସି ଓ ସଂସ୍ଥାର ଡା. ମନୋରଞ୍ଜନ ଓଝା, ଡା. ବେଦ ପ୍ରକାଶ, ସାଇଟସେଭର୍ସ ଇଣ୍ଡିଆର ସହଯୋଗୀ ଚିକିତ୍ସାଳୟ, ଶଙ୍କର ଚକ୍ଷୁ ଚିକିତ୍ସାଳୟର ଶୁଭମ ପାଣିଗ୍ରାହୀ, ହାରୁଶନ ଭି ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଅନ୍ତର୍ନିବେଶି ଶିକ୍ଷା ବିଭାଗର ସଂଯୋଜକ ତପନ କୁମାର ସାହୁ ପରିଚାଳନା କରିଥିଲା ବେଳେ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଯଥା ମଧୁସୂଦନ ପରିଡା, ମନୋଜ କୁମାର ବେହେରା, ଜ୍ୟୋତିରଞ୍ଜନ ରଥ, ସାବିତ୍ରୀବାଳା ଦାସ, ଡ଼. ସରୋଜ ମୋହନ ପାଳ, ପ୍ରଦୀପକୁମାର ଖଟେଇ, ଡ଼. ସନ୍ତୋଷକୁମାର ପଣ୍ଡା, ଏମ. ଡମ୍ବରୁ ଦୋରା, ବିଜୟ କୁମାର ବେହେରା, ଦୀପାଞ୍ଜଳି ମହାନ୍ତି, ଅଶ୍ୱିନୀ ପାଇକରାୟ, ଅଜୟ କୁମାର ସାହୁ, ହେମନ୍ତ ନନ୍ଦ, ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ସୁଜିତ କୁମାର ପାଢୀ ଓ ଅତିରିକ୍ତ ଶିକ୍ଷାଧିକାରିଣୀ ସଞ୍ଜୁକ୍ତା ରଥ, ସାଇଟସେଭର୍ସ ଇଣ୍ଡିଆର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ଦିଗପହଣ୍ଡିରେ ସିଭିଲ ଜଜ୍ କୋର୍ଟ ଉଦ୍‌ଘାଟିତ

ଦିଗପହଣ୍ଡି,୨୯।୭(ସମିସ): ଦିଗପହଣ୍ଡି ଠାରେ ନୂଆ ଦେୱାନି କୋର୍ଟ(ସିଭିଲ ଜଜ ସିନିୟର୍ ଡିଭିଜନ) ମଙ୍ଗଳବାର ଉଦଘାଟିତ ହୋଇଛି। ସ୍ଥାନୀୟ ପୁରୁଣା କୋର୍ଟ ପରିସରରେ ଥିବା ଅସ୍ଥାୟୀ କୋଠାରେ ଏହି କୋର୍ଟ କାର୍ଯ୍ୟ କରିବ। ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଭିଡିଓ କନ୍‌ଫରେନସିଂ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଥିଲେ। ଉଦଘାଟନ ସମୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନିକ ଦାୟିତ୍ୱରେ ରହିଥିବା ହାଇକୋର୍ଟ ଜଷ୍ଟିସ ବିଭୂ ପ୍ରସାଦ ରାଉତରାୟ ପ୍ରାରମ୍ଭିକ ସୂଚନା ଦେଇ ନୂଆ କୋର୍ଟ ଦିଗପହଣ୍ଡି ବାସିନ୍ଦା ତଥା ଆଇନଜୀବୀଙ୍କ ଦୀର୍ଘ ଦିନର ଆବଶ୍ୟକତାକୁ ପୂରଣ କରିବାରେ ସକ୍ଷମ ହେବା ସହ ନ୍ୟାୟିକ ବ୍ୟବସ୍ଥାକୁ ଲୋକଙ୍କ ଅଧିକ ନିକଟତର କରାଯାଇପାରିବ ବୋଲି କହିଥିଲେ। ସେହିଭଳି ଉଦଘାଟନୀ ସ୍ଥଳରେ ଗଞ୍ଜାମ ଜିଲ୍ଲା ଦୌରାଜଜ୍ ଡ. ଭାଗ୍ୟଲକ୍ଷ୍ମୀ ରଥ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୌଦାମିନୀ ସିଂ, ଦିଗପହଣ୍ଡି ବରିଷ୍ଠ ଦେୱାନି ବିଚାରପତି ମହାଶ୍ୱେତା ପରିଜା, ଦିଗପହଣ୍ଡି ଜେଏମଏଫସି କୋର୍ଟର ମାଜିଷ୍ଟ୍ରେଟ ନିଳିମା ଷଡଙ୍ଗୀ, ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟାଧିକାରୀ ସାରୋନ ବସ୍ତିଆ, କୋର୍ଟ ମ୍ୟାନେଜର ମୋନାଲିସା ମହାପାତ୍ର, ଜିଲ୍ଲା ଜଜ କୋର୍ଟ ଜି.ପି ପି. ନରସିଂହ ପାତ୍ର, ବ୍ରହ୍ମପୁର ମ୍ୟୁନିସପାଲ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ବ୍ରହ୍ମପୁର ଏସ.ପି ଡ଼. ସର୍ବଣା ବିବେକ ଏମ, ପୂର୍ବ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ସୋମନାଥ ତ୍ରିପାଠୀ, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ସଞ୍ଜିତ ପାଣିଗ୍ରାହୀ, ତହସିଲଦାର ସନ୍ତୋଷ କୁମାର ସାହୁ, ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ, ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ, ଡିଏସପି ପ୍ରଶାନ୍ତ କୁମାର ପାତ୍ର, ବିଡିଓ ଅନାମିକା ପାଣ୍ଡେ, ପୂର୍ବ ସହକାରୀ ଯନ୍ତ୍ରୀ ଇଂ. ସ୍ୱରାଜ ପାଣିଗ୍ରାହୀ, ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଖେମୁଣ୍ଡି ଓକିଲ ସଂଘ ସଭାପତି ହୃଦୟ ରଞ୍ଜନ ମେକାପ, ସମ୍ପାଦକ ପ୍ରଦୀପ କୁମାର ନାୟକ, ସଂଘର ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା, ସଦସ୍ୟା, ସଦସ୍ୟ ଓ ବିଚାର ବିଭାଗୀୟ ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।



### ଦିଗପହଣ୍ଡିର ବିଦ୍ୟୁତ୍ ଭିତ୍ତିଭୂମିକୁ ଉନ୍ନତ କରିଛି ଟିପିଏସ୍‌ଓଡିଏଲ୍

# ସହରକୁ ନୂତନ ବ୍ୟାକ୍ ଫିଡିଂ ବିଦ୍ୟୁତ୍ ଲାଇନ୍



ବ୍ରହ୍ମପୁର,୨୯।୭(ସମିସ)

ଗଞ୍ଜାମ ଜିଲ୍ଲାରେ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଚିକିଟି ୩୩ କେଭି ଫିଡର ସହ ଦିଗପହଣ୍ଡି ପ୍ରାଇମେରୀ ସବଷ୍ଟେସନ (ପିଏସଏସ୍)କୁ ସଂଯୋଗ କରାଯାଇଛି। ଆର୍ଥିକ ବର୍ଷ ୨୦୨୪-୨୫ର କ୍ୟାପେକ୍ସ ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ୍ ଭିତ୍ତିଭୂମି ଉନ୍ନତ ହେବା ସହ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ହୋଇପାରିବ। ଏହି ପ୍ରକଳ୍ପରେ ଚିକିଟି ଗ୍ରୀଡଠାରୁ ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)କୁ ଅତିରିକ୍ତ ବ୍ୟାକ ଫିଡ଼ିଂ ସପ୍ଲାଏ ଭାବେ ୧.୬ ସର୍କିଟ କିମି ଦୀର୍ଘ ୩୩ କେଭି ଲାଇନ୍ ସଂଯୋଗ କରାଯାଇଛି। ବିଦ୍ୟୁତ ବିଚ୍ଛିନ୍ନ ହେବା ସମୟରେ କିମ୍ବା ରକ୍ଷଣାବେକ୍ଷଣ କାମ ବେଳେ ଏହି ନୂତନ ଫିଡର ଲାଇନ୍ ଏକ ଭରସାଯୋଗ୍ୟ ବିକଳ୍ପ ଶକ୍ତି ଉତ୍ସ ଭାବେ କାମ କରିବ। ଏହାସହ ଏହି ପଦକ୍ଷେପରେ ଦ୍ରୁତ ତ୍ରୁଟି ଚିହ୍ନଟ ଏବଂ ଲୋଡ୍ ପରିଚାଳନା ପାଇଁ ଏକ ରିଙ୍ଗ ମେନ୍ ୟୁନିଟ (ଆରଏମୟୁ) ସ୍ଥାପନ କରାଯାଇଛି। ଏହି ଆରଏମୟୁ ସହ ଗୋଟିଏ ଇନକମିଙ୍ଗ ଏବଂ ଦୁଇଟି ଆଉଟଗୋଇଙ୍ଗ ବିଜୁଳି ଯୋଗାଣ ସଂଯୋଗ ହୋଇଛି। ଯାହାଫଳରେ ଯଦି ଗୋଟିଏ ଲାଇନରେ ବିଦ୍ୟୁତ ସରବରାହ ବ୍ୟାଘାତ ହୁଏ, ତେବେ ଆରଏମୟୁ ସାହାଯ୍ୟରେ ବ୍ୟାକଅପ୍ ଲାଇନ ଦ୍ୱାରା ବିଦ୍ୟୁତ ଯୋଗାଣ ହୋଇପାରିବ ଏବଂ ବିଦ୍ୟୁତ ବିଚ୍ଛିନ୍ନ ସମୟ ମଧ୍ୟ ହ୍ରାସ ପାଇବ।

● ଭରସାଯୋଗ୍ୟ ବିଜୁଳି ସେବା ପାଇଁ ରିଙ୍ଗ ମେନ୍ ୟୁନିଟ୍ ସ୍ଥାପନ

● ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨ହଜାର ଉପଭୋକ୍ତା ଉପକୃତ ହେବେ

ଏହି ପଦକ୍ଷେପ ଯୋଗୁଁ ପ୍ରାୟ ୧୨,୦୦୦ ଉପଭୋକ୍ତା ଉପକୃତ ହେବେ ଏବଂ ଦିଗପହଣ୍ଡି ସହର ବାସିନ୍ଦା ଓ ବ୍ୟାବସାୟିକ ଅନୁଷ୍ଠାନଗୁଡ଼ିକ ସ୍ଥାୟୀ ବିଜୁଳି ସେବା ପାଇବେ। ଏହି ଭିତ୍ତିଭୂମି ବିକାଶ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ବିଦ୍ୟୁତ ଭିତ୍ତିଭୂମିକୁ ଉନ୍ନତ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ ରହିଆସିଛି। ଆମ ଉପଭୋକ୍ତାଙ୍କୁ ଉତ୍ତମ ମାନର ବିଜୁଳି ସେବା ଯୋଗାଇବା ଦିଗରେ ଏହି ପ୍ରକଳ୍ପ ସହାୟକ ହେବ। ନୂତନ ଫିଡର ଲିଙ୍କ ନେଟୱାର୍କକୁ ସୁଦୃଢ଼ କରିବା ସହ ବିଦ୍ୟୁତ ଯୋଗାଣରେ ପ୍ରତିବନ୍ଧକକୁ ଯଥେଷ୍ଟ ହ୍ରାସ କରୁଅଛି। ସମଗ୍ର ଦକ୍ଷିଣ ଓଡ଼ିଶାରେ ଏକ ସୁଦୃଢ଼, ଭରସାଯୋଗ୍ୟ ଏବଂ ଗ୍ରାହକ କୈନ୍ଦ୍ରିକ ବିଦ୍ୟୁତ ବିତରଣ ବ୍ୟବସ୍ଥା ନିର୍ମାଣ କରିବା ପାଇଁ ଟିପିଏସ୍‌ଓଡିଏଲ୍ ଭିତ୍ତିଭୂମି ବିକାଶ ଏବଂ ସ୍ମାର୍ଟ ଟେକ୍ନୋଲଜିରେ ନିବେଶ କରୁଅଛି।

## ପୁରାତନ ଛାତ୍ର ସଂଗଠନର ସାଂଗଠନିକ ବୈଠକ



ବେଲଗୁଣ୍ଠା,୨୯।୭(ସମିସ): ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନର ଏକ ସାଂଗଠନିକ ବୈଠକ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ଗୋରାଚାନ୍ଦ୍ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ସ୍ୱର୍ଗତ ଅମୂଲ୍ୟ ଦାସ, ସ୍ୱର୍ଗତ ଅଧ୍ୟାପକ ପ୍ରଦୀପ କୁମାର ତ୍ରିପାଠୀ ଏବଂ ପୁରାତନ ଛାତ୍ର ସଂଗଠନ କୋଷାଧ୍ୟକ୍ଷ ସ୍ୱର୍ଗତ ରାମ ଚନ୍ଦ୍ର ମହାନ୍ତିଙ୍କ ସ୍ମୃତିଚାରଣ କରାଯାଇଥିଲା। ସମ୍ପାଦକ ଦିବ୍ୟଲୋଚନ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସଂଗଠନର ସ୍ଥାୟିତ୍ୱ ଏବଂ ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ଅଗଷ୍ଟ ମାସରେ ସଂଗଠନ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟ କରାଯିବା ସହ ସଂଗଠନର ବିଭିନ୍ନ ସମସ୍ୟା ଏବଂ ଏକ ପୁରାତନ ଛାତ୍ର ସଂଗଠନ ସ୍ମାରକୀ କୋଠା ନିର୍ମାଣ ନିମନ୍ତେ ସ୍ଥାନୀୟ ବିଧାୟକଙ୍କୁ ଦାବି ଜଣାଇବା ପାଇଁ ଉପସ୍ଥିତ ସଦସ୍ୟ ମାନେ ମତାମତ ଦେଇଥିଲେ। ବୈଠକରେ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ପ୍ରାକ୍ତନ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାନ୍ତି, ବି ଗୋବିନ୍ଦ ରାଓ, ଅଧ୍ୟାପିକା ରୁନିବାଳା ତ୍ରିପାଠି, ସାଂସ୍କୃତିକ ପରିଷଦ ସହ ଉପସଭାପତି ସୁଶାନ୍ତ ସ୍ୱରୂପାରାଣୀ ବିଶ୍ୱାଳ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଆଳତିଆ ପ୍ରମୁଖ ଉପସ୍ଥିତ ରହି ଛାତ୍ର ସଂଗଠନର କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ବୈଠକରେ ପୁରାତନ ଛାତ୍ର ସଂଗଠନ ଉପସଭାପତି ପ୍ରହଲ୍ଲାଦ ଲେଙ୍କା, ଶିଶିର କୁମାର ସ୍ୱାଇଁ, ସହ ସମ୍ପାଦକ ଚିନ୍ମୟ ପୋଲାଇ, ସଦସ୍ୟ ରମେଶ୍ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଛାୟାକାନ୍ତ ମହାପାତ୍ର, ଡାକ୍ତର ଦେବୀ ପ୍ରସାଦ ତ୍ରୀପାଠି, ମୁନେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ଆଗାମୀ କାର୍ଯ୍ୟକ୍ରମ ପାଇଁ ନକ୍ସା ପ୍ରସ୍ତୁତ କରିଥିଲେ। ସହ ସମ୍ପାଦକ ସ୍ୱସ୍ତି ସୁନ୍ଦର ସିଅ ଧନ୍ୟବାଦ ଜ୍ଞାପନ କରିଥିଲେ।

